# ତହସିଲଦାର, ପିପିଲିଙ୍କ କାର୍ଯ୍ୟାଳୟ

## ସା- ପିପିଲି, ଜିଲ୍ଲା - ପୁରୀ, ପିନ୍ - ୭୫୨୧୦୪

## ଇସ୍ତାହାର

ସଂଖ୍ୟା......୨୪୧୮...... ତା......୧୨.୦୬.୨୦୨୦......

**ଲଘୁ ଖଣିଜ ପଦାର୍ଥ ନିମନ୍ତେ ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତାହାର**

**(ISTAHAR FOR LONG TERM LEASE OF SAIRAT SOURCES)**

ଏତଦ୍ଵାରା ସର୍ବସାଧାରଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଓଡ଼ିଶା ସରକାରଙ୍କ ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପିପିଲି ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ନଦୀବାଲି ସୈରାତଉତ୍ସ (ଲଘୁ ଖଣିଜ ପଦାର୍ଥ, ବାଲି) Lease agreement ସମ୍ପାଦନ ହେବା ଦିନଠାରୁ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୂତ୍ରେ ଲିଜ୍ ପ୍ରଦାନ କରାଯିବା ନିମନ୍ତେ ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ଅଲଗା ଭାବେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉତ୍ସୁକ ବ୍ୟକ୍ତି ବିଶେଷ / ଅନୁଷ୍ଠାନ OMMC Rule, 2016 ର Form- M ପୂରଣ କରି ଏହାର ତିନି କପି ସହ ଅପର ପାର୍ଶ୍ଵରେ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଲଗ୍ନ କରି ଯଉମୁଦ ଇଫାପା (Sealed Cover) ରେ ଆବେଦନ କରିବେ, ଯାହାକି ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କେବଳ ରେଜିଷ୍ଟ୍ରି ଡ଼ାକ/ସ୍ପିଡ଼ ପୋଷ୍ଟ ଦ୍ଵାରା ଗ୍ରହଣ କରାଯିବ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ୍ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ । ଗୋଟିଏ ଲଫାପାରେ କେବଳ ଗୋଟିଏ ଉତ୍ସ ପାଇଁ ଆବେଦନ କରିବେ । ଏକାଧିକ ଉତ୍ସ ପାଇଁ ଆବେଦନ କରୁଥିଲେ ଅଲଗା ଅଲଗା ଭାବରେ ଆବେଦନ କରି ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ୍ ସଂଖ୍ୟା ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ, ନଚେତ ବିଚାର କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ବଶତଃ ଲିଜ୍‌କୁ ସ୍ଥଗିତ/ପରିବର୍ତ୍ତନ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ଵାକ୍ଷର କାରୀଙ୍କର ଅଛି । ଲିଜ୍ ଆବେଦନ ପାଇଁ ଦରଖାସ୍ତ/Sealed Tender ଗ୍ରହଣର ଶେଷ ତାରିଖ. ୦୩.୦୭.୨୦୨୦ରିଖ ଅପରାହ୍ନ ୫ ଘଟିକା ଅଟେ । ଉକ୍ତ ଦରଖାସ୍ତ ଗୁଡ଼ିକ ତା.୦୪/୦୭/୨୦୨୦ରିଖ ଦିବା ୧୧ଘଟିକା ସମୟରେ ଦରଖାସ୍ତ କାରୀ ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ (Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କ ଯଦି ଆନୁସାଙ୍ଗିକ କାଗଜାତ / ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ୍ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇ ଥିଲେ ଲଟେରୀ ମାଧ୍ୟମରେ ସଫଳ ନିଲାମାଧାରୀ ଚୟନ କରାଯିବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ଗ୍ରହଣ କରାଯାଇ ନଥାଏ ବା କୌଣସି କାରଣ ବଶତଃ କୌଣସି ଲିଜ୍ ଚୁଡ଼ାନ୍ତ ହୋଇ ନାପାରେ ତାହେଲେ ୨ୟ ଥର ପାଇଁ ତା.୧୩.୦୭.୨୦୨୦ରିଖ ଏବଂ ତୃତୀୟ ଥର ପାଇଁ ତା.୨୦.୦୭.୨୦୨୦ରିଖ ୫ ଘଟିକା ପର୍ଯ୍ୟନ୍ତ ଉପରୋକ୍ତ ପ୍ରାଣାଳୀରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ସେ ଗୁଡ଼ିକ ତା.୧୪.୦୭.୨୦୨୦ରିଖ ଓ ତା୨୧.୦୭.୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ତହସିଲଦାର ପିପିଲିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଯଥାକ୍ରମେ ୨ୟ ଓ ୩ୟ ଥର ପାଇଁ ଖୋଲାଯାଇ ଯୋଗ୍ୟ ବ୍ୟକ୍ତି ଚୟନ କରାଯିବ ।

<u>ନିଲାମ୍ ପାଇଁ ଥିବା ସୌରାତ ଉସ୍ ଗୁଡ଼ିକର ବିବରଣୀ</u>

| Sl No. | Sairat case No & year | Name of Mouza | Khata No. | Plot No. | Area | Kissam/ type of source | Minimum Guranted qnty per year | Royality | Minimum additinal charges payble per Cum. |
|---|---|---|---|---|---|---|---|---|---|
| 01 | 01/19-20 | Kantikothabada Nijgadakuruki | 502 | 01 | Ac.3.50 out of Ac.25.32 | Nadi/Sand | 5000 | Rs.35.00 | Rs.35.00 |
| 02 | 02/19-20 | Kakudia | 351 | 773 | Ac.4.00 out of Ac.10.32 | Nadi/Sand | 7000 | Rs.35.00 | Rs.35.00 |
| 03. | 03/19-20 | Totapada | 245 | 59 | Ac.4.00 out of Ac.8.45 | Nadi/Sand | 7000 | Rs.35.00 | Rs.35.00 |
| 04. | 04/19-20 | Gobardhanpur Sultannagar | 183 | 01 | Ac.4.50 out of Ac.06.40 | Nadi/Sand | 5000 | Rs.35.00 | Rs.35.00 |
| 05. | 05/19-20 | Gangapada | 83 | 280<br>281 | Ac.2.50 out of Ac.11.65<br>Ac.1.00 out of Ac.8.00 | Nadi/Sand | 5000 | Rs.35.00 | Rs.35.00 |
| 06. | 06/19-20 | Patelikuda | 136 | 29 | Ac.4.00 out of Ac.52.37 | Nadi/Sand | 7000 | Rs.35.00 | Rs.35.00 |

ଏହି ସୈରାତଉସ୍ ଲିଜ୍ ସମ୍ବନ୍ଧିୟ ସମସ୍ତ ତଥ୍ୟ www.puri.nic.in ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧିୟ ସମସ୍ତ ବିବରଣୀ ଅନ୍ୟାନ୍ୟ ନିୟମାବଳୀ ତହସିଲଦାର, ପିପିଲିଙ୍କ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସରେ ଓ ସମୟରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି / ସଂସ୍ଥା ଜଉମୁଦ ଲଫାପାରେ ଆବେଦନ ପତ୍ର କେବଳ ରେଜିଷ୍ଟ୍ରି ଡ଼ାକ / ସ୍ପିଡ୍ ପୋଷ୍ଟ ଜରିଆରେ ତହସିଲଦାର, ପିପିଲି, ପୋ-ପିପିଲି, ଜିଲ୍ଲା-ପୁରୀ, ପିନ୍- ୭୫୨୧୦୪, ଓଡ଼ିଶାଙ୍କ ଠିକଣାରେ ପଠାଇବେ ନଚେତ୍ ଏହା ସ୍ୱତଃ ନାକଚ ହୋଇଯିବ । ଅନ୍ୟ କୌଣସି ପ୍ରକାରରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

**<u>ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ୍/କାଗଜାତ ।</u>**

୧. ଦରଖାସ୍ତ ସହ (ଅଣ ଫେରସ୍ତ) ଟ. ୧,୦୦୦/- (ଏକହଜାର)ଙ୍କା ତହସିଲଦାର, ପିପିଲିଙ୍କ ନାମେ Challan ହେବ । ( Head of Account No- 0853- Non ferrous Mining & Metallurgical Industries) Royality.

୨. ଆବେଦନ କରିଥିବା ଲିଜ୍ ଜମିର ସମ୍ପୂର୍ଣ୍ଣ ବିବଣୀ ଯଥା- ଖାତା, ପ୍ଲଟ, ରକବା (Land Schedule) ଓ ନକ୍ସା (Quarry Lease Plan)

୩. Odisha Minor Mineral Concession Rules, 2016 ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବଧୀୟ ସତ୍ୟ ପାଠ ।

୪. ବ୍ୟାଙ୍କ୍ ଗ୍ୟାରେଣ୍ଟି ଯାହାକି ୧୮ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ (Offered Additional Charge) ଠାରୁ କମ୍ ହୋଇନଥିବ (ନିର୍ଦ୍ଦିଷ୍ଟ ରାଶିଠାରୁ କମ୍ ହେବ ନାହିଁ) (Bank Guarantee valid for a period of 18 Months for an amount of not less than the amount of addtinal Charge offered plus the Royalty payable for the Minumum Guranted Quantity (MGQ) for one whole year .

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସମସ୍ତ ସ୍ଥାବର/ଅସ୍ଥାବର ସମ୍ପତିର ଏକ ତାଲିକା ।

୬. Income Tax Clearance Certificate or an Affidavit stating there in that no Income Tax pending against the applicant.

୭. ନିଜର ଭୋଟର ପରିଚୟ ପତ୍ର (EPIC) / Aadhaar Card ଏବଂ PAN Card.

୮. Eearenest Money Deposit ର ପ୍ରମାଣ ପତ୍ର ଯାହାକି ନୋଟିସ ଦର୍ଶିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ପୁରା ଏକ ବର୍ଷର ଅତିରିକ୍ତ ମୂଲ୍ୟ (Addl. Charge) ଯୁକ୍ତ ଏକ ବର୍ଷର ରୟାଲିଟ ମୂଲ୍ୟର ଶତକଡ଼ା ୫ରୁ କମ୍ ହୋଇନଥିବାର Demand Draft ପଇଠ ରସିଦ ଜେରକ୍ସ କପି ।

୯. ଅସମ୍ପୂର୍ଣ୍ଣ ବା ଆବଶ୍ୟକ କାଗଜାତ ନଥିବା ଦରଖାସ୍ତ ନାକଚ କରାଯିବ ।

୧୦. ସଫଳ ନିଲାମଧାରୀ ଲିଜ୍ ଏଗ୍ରିମେଣ୍ଟ ପୂର୍ବରୁ ଟ.୧୦୦୦୦/-(ଦଶହଜାର ଟଙ୍କା) ମାତ୍ରର ସିକ୍ୟୁରିଟ୍ ଡ଼ିପୋଜିଟ୍ ଧାରା ୪୨ଅନୁଯାୟୀ କରିବେ ।

## ସର୍ତ୍ତାବଳୀ

(୧) ଆବେଦନ କାରି ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ ଅନ୍ୟ ସମସ୍ତ Ammendment Rules ଓ ତତ୍ ସମ୍ବନ୍ଧୀୟ ସମସ୍ତ ଆଇନର ପରିସର ଭୁକ୍ତ ରହିବେ ।

(୨) ଲିଜ ଅବଧି Lease agreement ସମ୍ପାଦନ ହେବା ଦିନ ଠାରୁ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନର ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍‌ରେ ଅଂଶ ଗ୍ରହଣ କରିବେ । ଯେଉଁ ସୈରାତ ଉତ୍ସ ଗୁଡ଼ିକୁ ସରକାରୀ ରାସ୍ତା ନାହିଁ ସେଥିରେ ଲିଜ୍ ନେଇଥିବା ବ୍ୟକ୍ତି ବିଶେଷ ସୈରାତ ଉତ୍ସ କୁ ଗମନା ଗମନର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟୀତ୍ୱରେ କରିବେ ।

(୩) ପ୍ରଚଳିତ ନିୟମାବଳୀ ଅନୁଯାୟୀ Form-M ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ (Addl.charge) କୁ ବିଚାରକୁ ନିଆଯାଇ ସମ୍ପୃକ୍ତ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କାରୀଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ ଯଦି ଏକ ରୁ ଅଧିକ ଦରଖାସ୍ତ କାରି ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧମରେ ଲିଜ୍ ଧାରୀଙ୍କ ନାମ ଚୟନ କରାଯିବ ଯଦି କୌଣସି ଦରଖାସ୍ତକାରୀ ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟ. ........... (Addl.charge)ରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

(୪) ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ କରାଯାଇଛି । ଏଥି ବାବଦକୁ ପ୍ରାପ୍ୟ ଖର୍ଚ୍ଚ ପରିମାଣ ଟଙ୍କା ନୂତନ ସୈରାତ ଉତ୍ସ

ରିପୋର୍ଟ ବାବଦକୁ ଖର୍ଚ୍ଚ କରାଯାଇଥିବା ଟଙ୍କା ସଫଳ ନିଲାମଧାରୀ ପୈଠ କରିବେ ।

(୫) ଲିଜରେ ସୈରାତ ପରିଚାଳନା ସମ୍ପର୍କରେ ପରବର୍ତ୍ତୀ ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ, ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୁପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ Ammendent Rules-2017/18 ଓ ଅନ୍ୟାନ୍ୟ ଆନୁସଙ୍ଗିକ ଆଇନ ଆଧାରରେ ଏହା ପରିଚାଳିତ ହେବ ।

(୬) ଚୟନ ହୋଇଥିବା ଲିଜ୍ ଧାରୀଙ୍କୁ ୭ ଦିନ ମଧ୍ୟରେ Form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ୍ ଜନିତ ସର୍ତ୍ତାବଳୀ ଜଣାଇ ଦିଆଯିବ ଏବଂ ଜଣାଇବାର ୧୫ ଦିନ ମଧ୍ୟରେ ଚୟନ କାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ ତେବେ ସେ ଲିଖିତ ଭାବରେ ଜଣାଇବେ ଏହା ସହିତ ଚୟନ କାରୀ ଏକ ସର୍ବନିମ୍ନ ସ୍ଥିରିକୃତ ଲଘୁ ଖଣିଜଦ୍ରବ୍ୟର ରୟାଲିଟୀ ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନଙ୍କୁ ଦେୟ ପ୍ରଭୃତିର ସର୍ବମୋଟ ମୂଲ୍ୟର ଏକ ଚତୁର୍ଥାଂଶ ଯାହା ହେବ ସେଥିରୁ ପୂର୍ବରୁ ଡ଼ିପୋଜିଟ କରିଥିବା EMD ବିୟୋଗ ପରର ମୂଲ୍ୟ କୁ ଏକତ୍ର ମିଶାଇଲେ ଯେଉଁ ରାଶିହେବ ତାହା ସୁଧ ବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

(୭) ଯଦି ସଫଳ ନିଲାମ ଧାରୀ (Successful Bidder) ଉପର ଦର୍ଶିତ ଅନୁଚ୍ଛେଦ ପାରା ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ତାଙ୍କଦ୍ୱାରା ଦାଖଲ ହୋଇଥିବା EMD କୁ ବ୍ୟାଜ୍ୟାପ୍ତି କରାଯିବ ଓ ପରବର୍ତ୍ତୀ ୨ୟ ସର୍ବାଧିକ ଆବେଦନକାରୀଙ୍କ ଲିଜ୍ ପ୍ରଦାନ ପାଇଁ ଚୟନ କରାଯାଇ ପାରେ । ନୀଲାମଧାରୀ ଚୟନ ପରେ ଅକୃତ କାର୍ଯ୍ୟ ନିଲାମଧାରୀଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ । ଯଦି ୨ୟ ସର୍ବାଧିକ ଆବେଦନକାରୀଙ୍କ ମୂଲ୍ୟରେ କୌଣସି ସନ୍ଦେହ ହୁଏ ବା ଅନ୍ୟ କୌଣସି କାରଣ ଥାଏ ତେବେ ଅନ୍ୟ କାହାକୁ ନିଲାମ ଦିଆନଯାଇ ପରବର୍ତ୍ତୀ ନିଲାମ ଦିବସରେ ନିଲାମ କରାଯିବ ।

(୮) ସଫଳ ନୀଲାମଧାରୀ ପରିବେଶ ମଞ୍ଜୁରୀ ସମ୍ବଧୀୟ ଅନୁମତି ନିଜଖର୍ଚ୍ଚ ଓ ଦାଇତ୍ୱରେ ହାସଲ କରିବେ । ଲିଜଧାରୀ ପରିବେଶ ମ୍ୟାନେଜ୍‌ମେଣ୍ଟ ପ୍ଲାନ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ ।

(୯) ସଫଳ ନିଲାମଧାରୀ ଭାବେ ବିବେଚିତ ହେଲେ ବୋଲି ଜଣାଇଦିଆଯିବା ଦିନଠାରୁ ୩ମାସ ମଧ୍ୟରେ ଲିଜ୍ ଡ଼ିଡ୍ ସମ୍ପାଦନ କରିବେ । ନଚେତ୍ ତାଙ୍କ ନିଲାମକୁ ଖାରଜ କରାଯାଇ ତାଙ୍କ ଅମାନତ ବାଜ୍ୟାପ୍ତ କରାଯିବ । ତା ପୂର୍ବରୁ ସେ ପରିବେଶ ମଞ୍ଜୁରୀ ଓ consent to establish and consent to operate ତଥା ଅନ୍ୟାନ୍ୟ ମଞ୍ଜୁରୁ ହାସଲ କରିଥିବେ ।

(୧୦) ଇସ୍ତାହର ପ୍ରକାଶନ ଖର୍ଚ୍ଚ ଲିଜ୍‌ଧାରୀ ସମାନୁପାତରେ ବହନ କରିବେ ।

(୧୧) MiningPlan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପରିମାଣ ଯାହାକି Minimum Guranted Quantity (MGQ) ଠାରୁ କମ ହୋଇ ନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ, DMF ଦେୟ, EMF ଦେୟ,Compensatory ଏବଂ Afforestation ଦେୟ, Dead rent ଏବଂ Surface rent ଏକବର୍ଷ ପାଇଁ ଅଗ୍ରୀମ ଲିଜ୍ Dead ସମ୍ପାଦନ ପୂର୍ବରୁ ଏକକାଳୀନ ପଇଠ କରିବେ । ନିୟମ ମୁତାବକ ସଫଳ ନୀଲାମଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (StatePollution

Control Board) ଠାରୁ Consent to Establish (CTE), Consent to Operate Operate (CTO) ଓ ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପଇଠ କଲାପରେ ସଫଳ ନିଲାମଧାରୀ (Successful Bidder) ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାଇ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ।

(୧୨) ଲିଜ ଧାରୀ ଜମା ରୟାଲିଟି ର ୨% ଅର୍ଥ ଆୟକର ବାବଦକୁ ଦାଖଲ କରିବେ।

(୧୩) ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ Environment Management Fund ବାବଦକୁ ଦାଖଲ କରିବେ।

(୧୪)ପ୍ରଚଳିତ ନିୟମ ଅନୁଯାଇ Schedule-I&II ର ଧାର୍ଯ୍ୟ ଦର ଲାଗୁହେବ ଏବଂ ଏହା ସରକାରଙ୍କ ଦ୍ୱାରା ପରିବର୍ତ୍ତନ ହେବ ଓ ସମ୍ପୃକ୍ତ ଲିଜଧାରୀ ପରିବର୍ତ୍ତୀତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ ତେବେ ତାହା ଦେବାକୁ ବାଧ ହେବେ।

(୧୫) ଲିଜ ଧାରୀଙ୍କୁ ପ୍ରତିବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ Dead Rent ଏବଂ Surface Rent OMMC Rules , 2016 ଆଧାରରେ ଦେବାକୁ ପଡ଼ିବ।

(୧୬) ଲିଜଧାରୀ ଜଳସିଞ୍ଚନ ଓ ବନୀକରଣ କାର୍ଯ୍ୟ କରିବାକୁ ବାଧ୍ୟ ହେବେ ।

(୧୭) ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ର ସର୍ତ୍ତାବଳୀ ଓ ତତ୍ ସମ୍ବନ୍ଧୀୟ ଅନ୍ୟନ୍ୟ ଆନୁସଙ୍ଗିକ ନିୟମ ମାନିବା ନିମନ୍ତେ ବାଧ ରହିବେ।ଏଥିରେ ଖିଲାପ ହେଲେ ଆଇନ୍ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ହେବ ।

(୧୮)ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତଳନ ତଥା ଚାଲାଣ ସଙ୍କ୍ରାତୀୟ ସଠିକ୍ ବିବରଣୀ ତ୍ରୟ ମାସିକ Return Form-P, ଏବଂ ବାର୍ଷିକ Return Form-K ରେ ତହସିଲଦାର ପିପିଲିଙ୍କ ଠାରେ ଦାଖଲ କରିବାକୁ ବାଧ ରହିବେ। Form-H ରେ ନିର୍ଦ୍ଧାରିତ ଅଧିକାରୀଙ୍କୁ ଜଣାଇବେ ।

(୧୯) ଲିଜ୍ ଏଗ୍ରିମେଣ୍ଟ ସମ୍ପାଦନ ହେବା ଦିନଠାରୁ Quary operation କରିବାକୁ ବାଧ ରହିବେ ।

(୨୦)ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲଘୁ ଖଣିଗ ଦ୍ରବ୍ୟ ପରିଚାଳନା ସମ୍ବନ୍ଧୀୟ ଆଦେଶ ଗୁଡ଼ିକୁ ଲିଜଧାରୀ ମାନିବାକୁ ବାଧ। କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ଖଣି ପରିଦର୍ଶନ ସମୟରେ ଖାଦାନ ସମ୍ବନ୍ଧୀୟ ସମସ୍ତ ରେକର୍ଡ଼ ତନଖି କରିପାରିବେ।

(୨୧)ଲିଜଧାରୀ ସୈରାତ ଉତ୍ସ ସୀମା ନକ୍ସା ଅନୁଯାଇ ଚାରିଫୁଟର ଢଳେଇ ଖୁଣ୍ଟ (Concrete Pillar) ଦ୍ୱାରା ଚିହ୍ନଟ କରିବେ ଏବଂ ସମୁଖ ଭାବରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନକ୍ସା ସହ ନାମ ଲିଗଧାରୀଙ୍କ ନାମ ତଥା ସମ୍ପୂର୍ଣ୍ଣ ବିବରଣୀ ସହ ଲିଜର ଅବଧି ଉଲ୍ଲେଖ କରିବେ। ଏହି ସବୁ କାର୍ଯ୍ୟ ଲିଜଧାରୀ ନିଜ ଖର୍ଚ୍ଚ ରେ ବହନ କରିବେ ପୁନଶ୍ଚ ଲିଜଧାରୀ ଖଣି ପରିଚାଳନା ଜନିତ କ୍ଷୟ କ୍ଷତି ସର୍ବ ସାଧାରଣଙ୍କ ଜୀବନ ହାନି ବା କ୍ଷତାକ୍ତ ପାଇଁ ଆବଶ୍ୟକୀୟ କ୍ଷତି କ୍ଷତି ସରକାରଙ୍କୁ ଭରଣା କରିବାକୁ ଦାଇ ରହିବେ।

(୨୨) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ସମ୍ପର୍ଣ୍ଣ ଅଧିକାରୀଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେନାହିଁ।

ଏଥିରେ ଖିଲାପ ହେଲେ OMMC Rules. 2016 ଓ ତତ୍ ସମ୍ବନ୍ଧୀୟ ଆଇନ ଅନୁଯାଇ ଦଣ୍ଡନୀୟ ହେବେ।

(୨୩) ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ସମ୍ପୂର୍ଣ୍ଣ ଅଧିକାରୀଙ୍କ ରହିଛି। ଅନିବାର୍ଯ୍ୟ କାରଣ ବଶତ କ୍ଷମତା ସମ୍ପର୍ଣ୍ଣ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ।

(୨୪) ନିଲାମଧାରୀ ତାଙ୍କୁ ଦିଆଯାଇଥିବା ପରିସର ବାହାରେ ଖନନ କଲେ ତାହା ଅପ୍ରାଧିକୃତ ଧରାଯିବ । ଏବଂ MMDR Act-1957 ଓ MMC Rules/Regulation /Circular ଇତ୍ୟାଦି ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବେ ।

(୨୫) ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧିୟ ସମସ୍ତ ସର୍ତ୍ତାବଳୀ ତହସିଲଦାର ପିପିଲିଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ସମ୍ବନ୍ଧିୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.puri.nic.in ରେ ଉପଲବ୍ଧ ହେବ।

ବି:ଦ୍ର- ସୈରାତ ଉତ୍ସଗୁଡ଼ିକର ସାରଣୀ ଏଥି ସହିତ ସଲଗ୍ନ ହୋଇଅଛି।

ପ୍ରଧାନ କୁମାର ନିଧି ୧୨/୦୬/୨୦୨୦

ତହସିଲଦାର - ତଥା - କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,
ପିପିଲି

ଜ୍ଞାପକ ସଂ. ...୨୪୧୯...... ତା. ...୧୨.୦୬.୨୦୨୦...

ଏହାର ଏକକିତା ନକଲ ଡ଼ି.ଆଇ.ଓ,ପୁରୀ ଜିଲ୍ଲା Website ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା.

ପ୍ରଧାନ କୁମାର ନିଧି ୧୨/୦୬/୨୦୨୦

ତହସିଲଦାର - ତଥା - କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,
ପିପିଲି

ଜ୍ଞାପକ ସଂ. ...୨୪୨୦...... ତା. ...୧୨.୦୬.୨୦୨୦...

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ତହସିଲ ପିପିଲି କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / ଜିଲ୍ଲାପାଳ,ପୁରୀ / ଉପ-ଜିଲ୍ଲାପାଳ, ପୁରୀଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ପ୍ରଧାନ କୁମାର ନିଧି ୧୨/୦୬/୨୦୨୦

ତହସିଲଦାର - ତଥା - କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,
ପିପିଲି

# ତହସିଲଦାର,ପିପିଲିଙ୍କ କାର୍ଯ୍ୟାଳୟ

## ଲଘୁ ଖଣିଜ ଦ୍ରବ୍ୟ ଲିଜ ନିମନ୍ତେ ବିଜ୍ଞାପନ

ସଂଖ୍ୟା.......୨୪୨୧.......... ତା.....୧୨.୦୬.୨୦୨୦.......

ଏତଦ୍‌ଦ୍ୱାରା ସର୍ବସାଧାରଣ ଙ୍କୁ ଜଣାଇ ଦିଆ ଯାଉଛି ଯେ, ପୁରୀଜିଲ୍ଲା ଅନ୍ତର୍ଗତ ପିପିଲି ତହସିଲ ଅଧୀନ ରେ ସୈରାତ ଉତ୍ସ ଗୁଡ଼ିକ ଆଗାମୀ ୫(ପାଞ୍ଚ) ବର୍ଷ ଲିଜ୍ ଏଗ୍ରୀମେଣ୍ଟ୍ ସମ୍ପାଦନ କରିବା ଦିନ ଠାରୁ ଦୀର୍ଘ ମିଆଦି ସୂତ୍ରେ ଲିଜ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସଗୁଡ଼ିକର ଲିଜ ସମ୍ବନ୍ଧିୟ ସମସ୍ତ ତଥ୍ୟ ଯଥା ସୈରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ ନଂ ରକବା, ବ୍ୟାଙ୍କ୍ ଗ୍ୟାରେଣ୍ଟି ଏବଂ ଇଏମଡ଼ି ପୁରୀ ଜିଲ୍ଲା ୱେବସାଇଟ www.puri.nic.in ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ମଧ୍ୟ ତହସିଲଦାର ପିପିଲି,ଜିଲ୍ଲା-ପୁରୀ,ପିନ୍-୭୫୨୧୦୪ ଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି। ପ୍ରକାଶ ଥାଉ କି ପ୍ରଥମ ଥର ପାଇଁ ତା.୦୩.୦୭.୨୦୨୦ରିଖ,୨ୟଥର ପାଇଁ ତା.୧୩.୦୭.୨୦୨୦ରିଖ ଓ ୩ୟଥର ପାଇଁ ତା.୨୦.୦୭.୨୦୨୦ରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

୧୨/୬/୨୦୨୦

ତହସିଲଦାର - ତଥା - କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀ,
ପିପିଲି